PECUC

AEIN
Aide à l'Enfance
de l'Inde et du Népal

# ଅଦ୍ୱିକା

## ପ୍ରତିଟି ବାଳିକା ଅଦ୍ୱିତୀୟ




**People's Cultural Centre**

(A Centre for People's Empowerment & Sustainable Development)

www.pecuc.org

## ଶିଶୁ ଅଧିକାର ଘୋଷଣାନାମା

ଶିଶୁ କିଏ – ଆନ୍ତର୍ଜାତିକ ଆଇନ୍ ଅନୁଯାୟୀ ୧୮ବର୍ଷରୁ କମ୍ ଯେକୌଣସି ମନୁଷ୍ୟ ଜଣେ ଶିଶୁ । ଏହା ଅଧିକାଂଶ ଦେଶ ଦ୍ୱାରା ଗୃହୀତ ଏକ ଆନ୍ତର୍ଜାତିକ ଅସ୍ତ୍ର ବିଶେଷ । ଭାରତ ସଦାସର୍ବଦା ୧୮ବର୍ଷ ବୟସରୁ କମ୍ ବ୍ୟକ୍ତିଙ୍କୁ ଏକ ଆଇନସିଦ୍ଧ ସ୍ୱୀକୃତି ଦେଇ ଆସିଛି । ୧୮ବର୍ଷ ହେବା ପରେ ହିଁ ଜଣେ ଭୋଟ ଦେଇପାରେ, ଗାଡି ଚଳାଇବା ପ୍ରମାଣ ପତ୍ର ପାଇପାରେ ବା କୌଣସି ପ୍ରକାର ଆଇନଗତ ଚୁକ୍ତି କରିବା ପାଇଁ ହକ୍‌ଦାର ହୁଏ । ବାଲ୍ୟବିବାହ ନିରାକରଣ ଆଇନ୍, ୧୯୨୯ ଅନୁସାରେ ୧୮ ବୟସରୁ କମ୍ ବୟସର କନ୍ୟା କିମ୍ବା ୨୧ ବର୍ଷରୁ କମ୍ ବୟସର ପୁତ୍ର ବିବାହ ନିୟମ ବିରୁଦ୍ଧ ।

୧୯୯୨ରେ UNCRC କୁ ବିଧିବଦ୍ଧ ଭାବେ ଗ୍ରହଣ କରିନେବା ପୂର୍ବରୁ ଭାରତ ତାର ଶିଶୁ ନ୍ୟାୟ ଆଇନର ପରିବର୍ତ୍ତନ କରି ସେବା ଓ ସୁରକ୍ଷା ପାଇଁ ୧୮ ବର୍ଷରୁ କମ୍ ବୟସର ଯେ କୌଣସି ବ୍ୟକ୍ତି ରାଷ୍ଟ୍ର ନିକଟରୁ ସୁରକ୍ଷା ପାଇବା ପାଇଁ ହକ୍‌ଦାର ।

**ଶିଶୁ ଅବସ୍ଥା ବ୍ୟକ୍ତିର ବୟସ ଉପରେ ନିର୍ଭର କରେ ।**

୧) ୧୮ବୟସରୁ କମ୍ ବୟସ୍କ ଜଣେ ଶିଶୁ ।

୨) ପ୍ରତିଟି ମଣିଷ ଶୈଶବ ଅବସ୍ଥା ଦେଇ ଗତିକରେ ।

୩) ଶୈଶବ କାଳରେ ଶିଶୁମାନେ ଭିନ୍ନ ପ୍ରକାର ଅନୁଭୂତି ଲାଭ କରିଥାନ୍ତି ।

୪) ସମସ୍ତ ଶିଶୁ ଯେ କୌଣସି ପ୍ରକାର ଶୋଷଣ ଓ ନିର୍ଯ୍ୟାତନା ଠାରୁ ସୁରକ୍ଷିତ ରହିବା ଆବଶ୍ୟକ ।

**ଶିଶୁମାନେ କାହିଁକି ବିଶେଷ ଦୃଷ୍ଟି ଆବଶ୍ୟକ କରନ୍ତି ?**

୧) ଯେଉଁ ପରିସ୍ଥିତିରେ ଆମେ ବାସ କରୁଛୁ, ସେଥିରେ ବୟସ୍କଙ୍କ ଅପେକ୍ଷା ଶିଶୁମାନେ ଅଧିକ ଅସୁରକ୍ଷିତ ।

୨) ପ୍ରାୟ ସମସ୍ତ ସମାଜରେ ଏକ ଧାରଣା ଅଛି ଯେ, ଶିଶୁମାନେ ତାଙ୍କ ପିତାମାତାଙ୍କ ସମ୍ପତି, କିମ୍ବା ସେମାନେ ବୟସ୍କଙ୍କ ଦ୍ୱାରା ପ୍ରସ୍ତୁତି ଅର୍ଥାତ ସେମାନେ ସମାଜକୁ କୌଣସି ଅବଦାନ ଦେବା ଭଳି ନୁହଁନ୍ତି ।

୩) ଶିଶୁର ସ୍ୱତନ୍ତ୍ର ମନ, ବଚନ, ଇଚ୍ଛା ବା ଶକ୍ତି ବୋଲି କିଛି ନାହିଁ ।

୪) ସେମାନେ କେବଳ ବୟସ୍କଙ୍କ ଦ୍ୱାରା ପରିଚାଳିତ ହୁଅନ୍ତି ନାହିଁ ବରଂ ସେମାନଙ୍କ ଜୀବନ ବୟସ୍କଙ୍କ ଦ୍ୱାରା ନିରୂପିତ ହୁଏ ।

୫) ଶିଶୁମାନେ ପ୍ରାୟତଃ ଶୋଷଣ ଓ ନିର୍ଯ୍ୟାତନାର ଶିକାର ହୋଇଥାନ୍ତି ।

## ଶିଶୁ ଅଧିକାର

ବୟସ ନିର୍ବିଶେଷରେ ସମସ୍ତ ମଣିଷ ପାଇଁ ମାନବିକ ଅଧିକାର ଲାଗୁ ହୁଏ । ସେଥିରେ ଶିଶୁ ମାନେ ମଧ୍ୟ ଅନ୍ତର୍ଭୁକ୍ତ । ବିଶେଷ ଅବସ୍ଥାରେ ହେତୁ ଶିଶୁ ବୟସ୍କଙ୍କ ନିକଟରୁ ଅଧିକ ସୁରକ୍ଷା ଓ ତତ୍ତ୍ୱାବଧାନ ଆବଶ୍ୟକ କରେ । ଶିଶୁର ମଧ୍ୟ ନିଜସ୍ୱ କିଛି ଅଧିକାର ଅଛି । ଏହି ସବୁକୁ ଶିଶୁ ଅଧିକାର କୁହାଯାଏ । ଯାହା UNCRC ରେ ବିଧିବଦ୍ଧ ଭାବେ ଉଲ୍ଲେଖ ରହିଛି, ଯଥା :

୧) ବଞ୍ଚିବାର ଅଧିକାର ।

୨) ସୁରକ୍ଷାର ଅଧିକାର ।

୩) ବିକାଶର ଅଧିକାର ।

୪) ଅଂଶ ଗ୍ରହଣ କରିବାର ଅଧିକାର ।

**ବଞ୍ଚି ରହବି ।ର ଅଧିକାର ମଧ୍ୟରେ ନିମ୍ନ ଅଧିକାର ମାନ ସଂଲଗ୍ନ ଥାଏ ।**

୧) ଜୀବନର ଅଧିକାର ।

୨) ସ୍ୱାସ୍ଥ୍ୟର ସର୍ବୋଚ୍ଚ ମାନଦଣ୍ଡରେ ଉନ୍ନତି ହେବା ଅଧିକାର ।

୩) ନାମ ଓ ଜାତୀୟତା ।

୪) ଉପଯୁକ୍ତ ପୃଷ୍ଟି ଅଧିକାର ।

**ବିକାଶର ଅଧିକାର ମଧ୍ୟରେ ନିମ୍ନ ଅଧିକାର ମାନ ସଂଲଗ୍ନ ଥାଏ ।**

୧) ଶିକ୍ଷାର ଅଧିକାର ।

୨) ପ୍ରାକ୍ ଶୈଶବ ସେବା ଓ ବିକାଶ ।

୩) ସାମାଜିକ ନିରାପତ୍ତା ।

୪) ଛୁଟି ସମୟ, ମନଖୁସି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅଧିକାର ।

**ସୁରକ୍ଷା ଅଧିକାର ମଧ୍ୟରେ ନିମ୍ନ ଅଧିକାରମାନ ସଂଲଗ୍ନ ଥାଏ।**

୧) ଶୋଷଣ, ନିର୍ଯ୍ୟାତନା, ଅମାନବିକତା ବା ନୀଚ ବ୍ୟବହାର, ହେୟ ମନୋଭାବ ଇତ୍ୟାଦିରୁ ସୁରକ୍ଷା ।

୨) ବିଶେଷ ସମୟରେ ବିଶେଷ ସୁରକ୍ଷା ।
(ଯଥା,ଜରୁରୀ ପରିସ୍ଥିତି, ଯୁଦ୍ଧାବସ୍ଥା ବା ଭିନ୍ନକ୍ଷମ ବ୍ୟବସ୍ଥା ଇତ୍ୟାଦି)

**ଅଂଶଗ୍ରହଣ କରିବାର ଅଧିକାର ମଧ୍ୟରେ ନିମ୍ନ ଅଧିକାର ମାନ ସଂଲଗ୍ନ ଥାଏ ।**

୧) ଶିଶୁର ଇଚ୍ଛା ପ୍ରତି ସମ୍ମାନ ।

୨) ସ୍ୱାଧୀନ ବକ୍ତବ୍ୟ

୩) ଉପଯୁକ୍ତ ସୂଚନା ପ୍ରାପ୍ତି ପାଇଁ ସୁଯୋଗ ।

# ଅଦ୍ୱିକା- ପ୍ରତିଟି ବାଳିକା ଅଦ୍ୱିତୀୟ

## ଅଦ୍ୱିକା- ପ୍ରତିଟି ବାଳିକା ଅଦ୍ୱିତୀୟ

- କିଶୋରୀ ଓ କିଶୋରମାନଙ୍କଠାରେ ବ୍ୟକ୍ତିଗତ ଜୀବନରେ ଓ ସମାଜରେ ପରିବର୍ତ୍ତନ ଆଣିବାର ସାମର୍ଥ୍ୟ ରହିଛି ।
- ସେମାନଙ୍କ ସହିତ ଆମେ ଯଦି ଅର୍ଥପୂର୍ଣ୍ଣ ଓ ଫଳପ୍ରଦ ଯୋଗାଯୋଗ କରିପାରିବା ତେବେ ସେମାନେ ନିଜ କୌଶଳ ଓ ଦକ୍ଷତାର ବିକାଶ କରିପାରିବେ ।
- ସେମାନଙ୍କୁ ନିଜର ଦକ୍ଷତା ବିକାଶ ପାଇଁ ସୁଯୋଗ ଦେବା ଉଚିତ ଯାହା ସେମାନଙ୍କର ନେତୃତ୍ୱ ନେବାକୁ ସକ୍ଷମ କରେଇବ ।
- ଅକ୍ଟୋବର ୧୧,୨୦୨୦ ଅନ୍ତର୍ଜାତୀୟ ବାଳିକା ଦିବସରେ ଅଦ୍ୱିକା କାର୍ଯ୍ୟକ୍ରମର ଶୁଭାରମ୍ଭ ହେଲା ।
- ବାଲ୍ୟ ବିବାହ, ଶିଶୁ ଓ ମହିଳା ହିଂସା ବିରୁଦ୍ଧରେ ତଥା କିଶୋରୀ ସଶକ୍ତୀକରଣ ପାଇଁ ଏହା ସହାୟକ ହୋଇଛି ।




## ଅଦ୍ୱିକା କ'ଣ ?

- ଅଦ୍ୱିକା ଅର୍ଥ ଅଦ୍ୱିତୀୟା ବା ସ୍ୱତନ୍ତ୍ର ।
- ଏହାର ମୂଳ ଆଭିମୁଖ୍ୟ ହେଲା ପ୍ରତ୍ୟେକ ବାଳିକାକୁ ଶିକ୍ଷିତ ଓ ସଶକ୍ତ କରିବା ଯାହା ଫଳରେ ସେମାନେ ସ୍ୱତନ୍ତ୍ର ଭାବରେ ଜୀବନର ନିଷ୍ପତ୍ତି ନିଜେ ନେଇ ପାରିବେ ।
- ଶିକ୍ଷା ଓ ଜୀବନ କୌଶଳ ପ୍ରଶିକ୍ଷଣ ମାଧ୍ୟମରେ କିଶୋରୀ କିଶୋରମାନଙ୍କୁ ସଶକ୍ତ କରିବା ଏହାର ମୂଳ ଲକ୍ଷ ।
- ୧୦ ରୁ ୧୯ବର୍ଷ ବୟସର ସମସ୍ତ କିଶୋରୀମାନଙ୍କୁ ଗୋଟିଏ ପ୍ଲାଟଫର୍ମକୁ ଆଣିବା ସହ ସମସ୍ତ ସରକାରୀ ଯୋଜନାକୁ ଉପଲବ୍ଧ କରାଯାଇ ପାରିବ ।

## ଅଦ୍ୱିକା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ

- କିଶୋରୀ ଦିବସଟି ନିରବଚ୍ଛିନ୍ନ ଭାବରେ ଓ କିଶୋରୀମାନଙ୍କ ପାଇଁ ଉପଯୋଗୀ ବାତାବରଣରେ ଅନୁଷ୍ଠିତ ହେବ ।
- ମାସର ପ୍ରତ୍ୟେକ ଶନିବାର କିଶୋରୀ ଦିବସ ଓ ଏହି ଦିବସରେ କିଶୋରୀ ଅଧିବେଶନ କରାଯିବ ।
- ଏଥିରେ କିଶୋରୀମାନଙ୍କର ଦୈନନ୍ଦିନ ଜୀବନର ସମସ୍ୟାକୁ ସମ୍ମୁଖୀନ ହେବା ସହ ଏହାର ସମାଧାନର ରାସ୍ତା ଖୋଜିବା, ନିଜର ନକହିପାରୁଥିବା କଥାକୁ ପ୍ରକାଶ କରିବାର ସୁଯୋଗ ପାଇବେ ।
- କିଶୋରୀମାନେ ନିଜ ତଥା ପରିବାର ପାଇଁ ଥିବା ସାମାଜିକ ସୁରକ୍ଷା ଯୋଜନା ବିଷୟରେ ଜାଣିବେ ଓ ଏଥିରେ ଯୋଡ଼ି ହେବେ ।

## ଗୋଷ୍ଠୀ ସ୍ତରରେ ଏହା କିପରି କାର୍ଯ୍ୟକାରୀ ହେବ

- ପ୍ରତ୍ୟେକ ଶନିବାର ଦିନ ଅଙ୍ଗନବାଡ଼ି କେନ୍ଦ୍ର ଅଧୀନରେ ଥିବା ସମସ୍ତ ୧୦ ରୁ ୧୯ ବର୍ଷ କିଶୋରୀ ବାଳିକାମାନେ କେନ୍ଦ୍ରରେ ଜମା ହୁଅନ୍ତି ।



- ❖ ଅଙ୍ଗନବାଡ଼ି କର୍ମୀଙ୍କୁ ସାହାଯ୍ୟ କରିବା ଓ ସାଥୀମାନଙ୍କୁ ନେତୃତ୍ୱ ଦେଇ ବାର୍ତ୍ତାକୁ ପରିବାର ଓ ସମୁଦାୟ ପାଖରେ ପହଞ୍ଚାଇବା ପାଇଁ ଦୁଇଜଣଙ୍କୁ ସଖି ଓ ସହେଲି ଭାବରେ ବଛାଯାଏ ।
- ❖ କିଶୋରୀ କ୍ୟାଲେଣ୍ଡର ଅନୁଯାୟୀ କିଶୋରୀମାନଙ୍କ ସହିତ ଆଲୋଚନା ଅନୁଷ୍ଠିତ ହୁଏ ।
- ❖ ଅଙ୍ଗନବାଡ଼ି ପକେଟ ପୁସ୍ତିକା, କିଶୋରୀ ବାର୍ତ୍ତା, ବାରମ୍ବାର ପଚରା ଯାଉଥିବା ପ୍ରଶ୍ନ, କ୍ଷୁଦ୍ର ଚଳଚ୍ଚିତ୍ର ଆଦି ମାଧ୍ୟମରେ ସାପ୍ତାହିକ ବିଷୟଗତ ଆଲୋଚନା ହୁଏ ।




- ❖ କିଶୋର ବାଳକମାନଙ୍କୁ ମଧ୍ୟ ଏଥିରେ ସାମିଲ କରାଯାଏ ।
- ❖ ଲିଙ୍ଗଗତ ଅସମାନତା ଦୂର କରିବା ପାଇଁ ସେମାନଙ୍କର ଭାଗ ନେବା ଆବଶ୍ୟକ ଓ ସେମାନଙ୍କ ମଧ୍ୟରୁ ସାଥୀ ଓ ସ୍ୱେଚ୍ଛାସେବୀ ବାଛି ଏସବୁ ବାର୍ତ୍ତା ପରିବାର ଓ ସମୁଦାୟ ପାଖରେ ପହଞ୍ଚିବା ଆବଶ୍ୟକ ।

## ଏହି କାର୍ଯ୍ୟକ୍ରମ କିପରି ତଦାରଖ ହେବ ?

- ❖ ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ରରେ ୧୦ରୁ ୧୯ ବର୍ଷ ବର୍ଗର ସମସ୍ତ କିଶୋରୀମାନଙ୍କୁ ଚିହ୍ନିତ କରି ସେମାନଙ୍କର ସବିଶେଷ ବିବରଣୀ ଗୋଟିଏ ଅଦ୍ୱିକା ରେଜିଷ୍ଟର କରି ଲିପିବଦ୍ଧ କରାଯିବ ।
- ❖ ମୁଖ୍ୟ ପ୍ରଶିକ୍ଷକ, ସମ୍ବଳ ଦଳ ଓ ଅନ୍ୟାନ୍ୟ ତାଲିମ ସମ୍ବନ୍ଧୀୟ ସୂଚନା ବିଷୟରେ ବି ଲିପିବଦ୍ଧ କରାଯିବ ।
- ❖ ବର୍ତ୍ତମାନ ବିଭାଗ ତରଫରୁ ପ୍ରଦତ୍ତ ଅଦ୍ୱିକା ପ୍ୟାକେଜର ସମସ୍ତ ପୁସ୍ତିକା ଓ ପୋଷ୍ଟରର ସଠିକ ବିନିଯୋଗ କରାଯିବ ।
- ❖ ସମସ୍ତ କିଶୋରୀ ଅଧିବେଶନର ବିବରଣୀ ନଥିକରଣ କରାଯିବ ।
- ❖ ସଫଳତାର କଥା, ନୂତନ ଚିନ୍ତାଧାରା, ବିଭିନ୍ନ କାର୍ଯ୍ୟକ୍ରମ, ଘଟଣାର ବିବରଣୀ ଓ ଫଟୋ ସଂଗୃହୀତ ହେବ ।

## ଅଙ୍ଗନବାଡ଼ି କର୍ମୀଙ୍କ ପକେଟ ପୁସ୍ତିକା

- ❖ ଏହା ଏକ ମାର୍ଗଦର୍ଶିକା ଏବଂ ଏକ ସରଳ ପକେଟ ବହି ।
- ❖ ବାଲ୍ୟ ବିବାହ, ଶିଶୁ ଶ୍ରମିକ, ଶିଶୁ ଯୌନ ନିର୍ଯାତନା ଓ ଶିଶୁ ଚାଲାଣରୁ ସୁରକ୍ଷା ଓ ପ୍ରତିଷେଧକ ବିଷୟରେ କିଶୋରୀମାନଙ୍କୁ ଜଣେଇବା ପାଇଁ ଏହା ସହାୟକ ହେବ ।
- ❖ ଏଥିରେ ଲୈଙ୍ଗିକ ସମାନତା, ପୁଷ୍ଟି, ସ୍ୱାସ୍ଥ୍ୟ, ଋତୁସ୍ରାବ ପରିଚାଳନା, ଅନ୍‌ଲାଇନ ସୁରକ୍ଷା, ହିଂସା ହେଲେ କାହାର ସାହାଯ୍ୟ ନେବେ, ଶିଶୁ ସୁରକ୍ଷା ଆଇନ ସମ୍ପର୍କିତ ସୂଚନା, ୱାନ ଷ୍ଟପ କେନ୍ଦ୍ର (ସଖି), ଚାଇଲ୍ଡ ଲାଇନ ଯୋଗାଯୋଗ ଠିକଣା ଇତ୍ୟାଦି ରହିଛି ।




- ❖ ଲୈଙ୍ଗିକ ଓ ଶିଶୁ ସୁରକ୍ଷା ବିଷୟରେ କିଶୋରମାନଙ୍କ ସହିତ ଆଲୋଚନା ପାଇଁ ବି ଏହି ପୁସ୍ତିକାର ଉପଯୋଗ କରାଯାଇ ପାରିବ ।

## କିଶୋରୀ କ୍ୟାଲେଣ୍ଡର

- ❖ କିଶୋରୀ କ୍ୟାଲେଣ୍ଡର ଏକ ବାର୍ଷିକ କ୍ୟାଲେଣ୍ଡର ଅଟେ ।
- ❖ ପ୍ରତ୍ୟେକ ଶନିବାର ଦିନ ଅଙ୍ଗନବାଡ଼ି କର୍ମୀମାନେ କିଶୋରୀମାନଙ୍କ ସହିତ ମାସ ଅନୁସାରେ କେଉଁସବୁ ବିଷୟରେ ଆଲୋଚନା କରିବେ ସେସବୁ ବର୍ଣ୍ଣିତ ହୋଇଛି ।

- କିଛି ଦୃଶ୍ୟ କିମ୍ବା ଶୁଣିବା ମାଧ୍ୟମରେ, ଚିତ୍ର ମାଧ୍ୟମରେ, କାହାଣୀ, ଖେଳ, ମଜାକଥା ମାଧ୍ୟମରେ କେଉଁ ସବୁ ବିଷୟରେ ଆଲୋଚନା ହେବ ଏଥିରେ ଅଛି ।
- ଓଡ଼ିଆରେ ଏହି କ୍ୟାଲେଣ୍ଡରର ଏକ ବଡ଼ ପୋଷ୍ଟର ଅଛି ।

## କିଶୋରୀ ବାର୍ତ୍ତା

- କିଶୋରୀ ସ୍ୱାସ୍ଥ୍ୟ, ପୁଷ୍ଟି, ପରିଚ୍ଛନ୍ନତା ଓ ସୁରକ୍ଷା ପ୍ରସଙ୍ଗରେ ବାର୍ତ୍ତା ଥିବା ଏହା ଏକ ସୂଚନା ପୁସ୍ତିକା ।
- ସାପ୍ତାହିକ ଶନିବାର ଅଧିବେଶନରେ ଏହି ପୁସ୍ତିକାକୁ ବ୍ୟବହାର କରି କିଶୋରୀମାନଙ୍କୁ ଉପାଦେୟ ତଥ୍ୟ ପ୍ରଦାନ କରିବାର ବ୍ୟବସ୍ଥା ହୋଇପାରିବ ।
- କିଶେରୀମାନଙ୍କୁ ବିଷୟ ସହିତ ଯୋଡ଼ିରଖି ସେମାନଙ୍କୁ ଉପଯୁକ୍ତ ସୂଚନା ପ୍ରଦାନ କରିବାରେ ଏହି ପୁସ୍ତିକା ସହାୟକ ହେବ ।
- ଆପଣମାନଙ୍କୁ ଏହି ପୁସ୍ତିକା ପ୍ରଦାନ କରାଯାଇଛି ।

## ଆମ ମନର କିଛି ପ୍ରଶ୍ନ

- କିଶୋର ଅବସ୍ଥାରେ ମନକୁ ଆସୁଥିବା କିଛି ପ୍ରଶ୍ନର ଉତ୍ତର ସରଳ ଭାଷାରେ ଏହି ପୁସ୍ତିକାରେ ଉଲ୍ଲେଖ ଅଛି ।



- ଅଭିବୃଦ୍ଧି ପ୍ରକ୍ରିୟା ସମ୍ବନ୍ଧରେ, ବାଳିକା ଓ ବାଳକମାନଙ୍କ ମଧ୍ୟରେ ସମ୍ପର୍କ, ପ୍ରଜନନ ସ୍ୱାସ୍ଥ୍ୟ ଓ ଯୌନତ୍ୱ, ପୋଷକ ତତ୍ତ୍ୱ, ଯୌନ ନିର୍ଯ୍ୟାତନା ବା ଯୌନ ଉତ୍ପୀଡନ, ମାଦକ ଦ୍ରବ୍ୟର ଅପବ୍ୟବହାର, ଯୌନନଳୀ ସଂକ୍ରମଣ, ଏଡ୍ସ ଓ ଏଚ୍‌ଆଇଭି ସମ୍ବନ୍ଧରେ ବିଶେଷ ବିବରଣୀ ଦିଆଯାଇଛି ।

| କାର୍ଯ୍ୟକର୍ତ୍ତା | ଦାୟିତ୍ୱ ଓ କର୍ତ୍ତବ୍ୟ |
|---|---|
| ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ | ❖ ଜିଲ୍ଲାର ସମସ୍ତ ମାଷ୍ଟର ଟ୍ରେନର ମାନେ ପ୍ରଶିକ୍ଷଣ ଗ୍ରହଣ କରିବେ |
| | ❖ ପ୍ରଶିକ୍ଷଣର ବିଷୟବସ୍ତୁକୁ ସଠିକ ସମୟରେ ଅପର ସ୍ତରରେ ପହଞ୍ଚାଇବେ ବା ସୁପରଭାଇଜରମାନଙ୍କୁ ପ୍ରଶିକ୍ଷଣ ଦେବେ |
| | ❖ ବିଭାଗରୁ ପ୍ରାପ୍ତ ସମସ୍ତ ପୁସ୍ତିକା ଓ ପୋଷ୍ଟରକୁ ଅଙ୍ଗନବାଡ଼ି କେନ୍ଦ୍ର ସ୍ତର ଯାଏଁ ପହଞ୍ଚିବା ନିଶ୍ଚିତ କରିବେ |
| | ❖ ବିଭାଗରୁ ପାଉଥିବା ଦୃଶ୍ୟ ଶ୍ରାବ୍ୟ ସୂଚନାକୁ ଅପର ସ୍ତରରେ ପହଞ୍ଚାଇବେ |
| ସମନ୍ୱିତ ଶିଶୁ ବିକାଶ ଅଧିକାରୀ (ସିଡିପିଓ) | ❖ ମାଷ୍ଟର ଟ୍ରେନର ମାନେ ପ୍ରଶିକ୍ଷଣ ଗ୍ରହଣ କରିବେ |
| | ❖ ପ୍ରଶିକ୍ଷଣର ବିଷୟବସ୍ତୁକୁ ସଠିକ ସମୟରେ ଅପର ସ୍ତରରେ ପହଞ୍ଚାଇବେ ବା ସୁପରଭାଇମାନଙ୍କୁ ପ୍ରଶିକ୍ଷଣ ଦେବେ |
| | ❖ ଜିଲ୍ଲାରୁ ପ୍ରାପ୍ତ ସମସ୍ତ ସୂଚନା ଓ ପୁସ୍ତିକାକୁ ଅଙ୍ଗନବାଡି କେନ୍ଦ୍ର ଯାଏଁ ପହଞ୍ଚାଇବେ |
| | ❖ ସମୟ ଅନ୍ତରାଳରେ କିଛି କେନ୍ଦ୍ରକୁ ଗସ୍ତ କରି ଅଦ୍ୱିକା କାର୍ଯ୍ୟକ୍ରମ ସଫଳ ଭାବରେ ହେଉଛି କି ନାହିଁ ତଦାରଖ କରିବେ |
| | ❖ ସୁପରଭାଇଜର ମାନଙ୍କଠାରୁ ସମୟ ଅନ୍ତରାଳରେ ବିଭିନ୍ନ ରିପୋର୍ଟ ଓ ଡାଟା ସଂଗ୍ରହ କରି ଜିଲ୍ଲା କାର୍ଯ୍ୟାଳୟକୁ ପ୍ରଦାନ କରିବେ । |

| କାର୍ଯ୍ୟକର୍ତ୍ତା | ଦାୟିତ୍ୱ ଓ କର୍ତ୍ତବ୍ୟ |
| --- | --- |
| ସୁପରଭାଇଜର | ❖ ମାଷ୍ଟର ଟ୍ରେନର ମାନଙ୍କ ଦ୍ୱାରା ପ୍ରଦତ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଭଲ ଭାବରେ ଗ୍ରହଣ କରି ଅଙ୍ଗନବାଡ଼ି କର୍ମୀମାନଙ୍କୁ ପ୍ରଶିକ୍ଷିତ କରିବେ |
| | ❖ କିଶୋରୀ ବାଳିକାମାନଙ୍କ ସବିଶେଷ ବିବରଣୀ ଅଙ୍ଗନବାଡ଼ି କେନ୍ଦ୍ରରେ କର୍ମୀମାନଙ୍କ ଦ୍ୱାରା ଲିପିବଦ୍ଧ ହେଉଛି କି ନାହିଁ ତଦାରଖ କରିବେ |
| | ❖ ଅଦ୍ୱିକା ଅଧିବେଶନ ପ୍ରତ୍ୟେକ ଶନିବାର ଦିନ ସଠିକ ଭାବରେ ହେଉଛି କି ନାହିଁ ତାହାର ତଦାରଖ କରି ସିଡିପିଓମାନଙ୍କୁ ଜଣାଇବେ |
| | ❖ ଅଦ୍ୱିକା ଅଧିବେଶନର ଆଲୋଚନା ଲିପିବଦ୍ଧ ହେଉଛି କି ନାହିଁ ଦେଖିବେ |
| | ❖ ଅଦ୍ୱିକା ସଫଳତାର କଥା, ନୂତନ ଚିନ୍ତାଧାରା, ବିଭିନ୍ନ କାର୍ଯ୍ୟକ୍ରମ, ଘଟଣାର ବିବରଣୀ ଓ ଫଟୋ ସଂଗୃହିତ କରିବେ ଓ ସିଡିପିଓଙ୍କୁ ପ୍ରଦାନ କରିବେ । |
| ଅଙ୍ଗନବାଡ଼ି କର୍ମୀ | ❖ ସୁପରଭାଇଜରମାନଙ୍କଠାରୁ ଅଦ୍ୱିକା ସମ୍ବନ୍ଧରେ ପ୍ରଶିକ୍ଷଣ ପାଇବା ପରେ ସେହି ସମସ୍ତ ବିଷୟକୁ ଶନିବାର ଦିନ ଅଦ୍ୱିକା ଅଧିବେଶନରେ କିଶୋରୀ ବାଳିକାମାନଙ୍କ ସହିତ ଆଲୋଚନା କରିବେ । |
| | ❖ ଆପଣଙ୍କୁ ଦିଆଯାଇଥିବା କିଶୋରୀ ବାର୍ତ୍ତା, ପଟେକ ବୁକ ଏବଂ ଆମ ମନର କିଛି ପ୍ରଶ୍ନ ପୁସ୍ତିକାକୁ ଭଲ ଭାବରେ ପଢି ଏବଂ ବୁଝି ସେ ବିଷୟରେ କ୍ୟାଲେଣ୍ଡରର ବିଷୟ ଅନୁଯାୟୀ କିଶୋରୀମାନଙ୍କ ସହିତ ଆଲୋଚନା କରିବେ । |
| | ❖ କେନ୍ଦ୍ର ଅଧୀନରେ ଥିବା ସମସ୍ତ ୧୦ ରୁ ୧୯ ବର୍ଷ ବର୍ଗର କିଶୋରୀ ବାଳିକାମାନଙ୍କର ସବିଶେଷ ବିବରଣୀକୁ ଏକ ଅଦ୍ୱିକା ରେଜିଷ୍ଟ୍ରରରେ ଲିପିବଦ୍ଧ କରି ରଖିବେ । |
| | ❖ ପ୍ରତି ଶନିବାର ଅଦ୍ୱିକା ଅଧିବେଶନର ଆଲୋଚନାକୁ ଲିପିବଦ୍ଧ କରି ରଖିବେ ଏବଂ ବିଭିନ୍ନ କାର୍ଯ୍ୟକ୍ରମ ମାନଙ୍କର ବିଷୟରେ ଲିପିବଦ୍ଧ କରିବେ ଏବଂ ଫଟୋକୁ ନିଜର ସୁପରଭାଇଜରମାନଙ୍କୁ ପ୍ରେରଣ କରିବେ |
| | ❖ କିଶୋରୀମାନଙ୍କ ସହିତ ସେମାନଙ୍କର ସମସ୍ତ ଅସୁବିଧା ସମ୍ବନ୍ଧରେ ଆଲୋଚନା କରି ଉପରସ୍ଥ ଅଧିକାରୀମାନଙ୍କୁ ସମାଧାନ ପାଇଁ ଅତିଶୀଘ୍ର ଜଣାଇବେ |
| | ❖ କିଶୋର ବାଳକମାନଙ୍କୁ ବି ଅଧିବେଶନ ମାନଙ୍କରେ ସାମିଲ କରେଇ ଆଲୋଚନା କରିବେ । |
| ସଖି ଓ ସହେଲି | ❖ ଅଙ୍ଗନବାଡ଼ି କର୍ମୀଙ୍କ ଦ୍ୱାରା ବଛା ଯାଇଥିବା ଜଣେ ସଖି ଓ ସହେଲି ଅଦ୍ୱିକା ଅଧିବେଶନ ଠିକ ଭାବରେ ହେବା ଦିଗରେ କର୍ମୀଙ୍କୁ ସାହାଯ୍ୟ କରିବେ । |
| | ❖ ସମସ୍ତ କିଶୋରୀ ଏଥିରେ ଯେମିତି ସାମିଲ ହେବେ ସେ ଦିଗରେ ସାହାଯ୍ୟ କରିବେ |
| | ❖ ଗ୍ରାମର ଶିଶୁ, କିଶୋର ଓ କିଶୋରୀମାନଙ୍କୁ ସ୍ୱର ଉତ୍ତୋଳନ କରିବା ସଚେତନ ସୃଷ୍ଟି କରିବା, ବିଦ୍ୟାଳୟ ଯିବାକୁ ପ୍ରବର୍ତ୍ତାଇବା କାର୍ଯ୍ୟ କରିବେ । |
| | ❖ ନିଜର କିମ୍ବା ଅନ୍ୟ କେଉଁ ଶିଶୁମାନଙ୍କର ଅସୁବିଧା ହେଲେ ସେ ସମ୍ବନ୍ଧରେ ବିଭିନ୍ନ ସଦସ୍ୟ ମାନଙ୍କୁ ଜଣାଇବା । |

| କାର୍ଯ୍ୟକର୍ତ୍ତା | ଦାୟିତ୍ୱ ଓ କର୍ତ୍ତବ୍ୟ |
|---|---|
| | ❖ ପ୍ରତି ୬ ମାସରେ ସଖି ଓ ସହେଲିମାନଙ୍କୁ ପରିବର୍ତ୍ତନ କରି ସମସ୍ତ କିଶୋରୀଙ୍କୁ ନେତୃତ୍ୱ ନେବା ପାଇଁ ପ୍ରବର୍ତ୍ତାଇବା । |
| | ❖ ସେମାନେ ପରିବାର ଓ ସମୁଦାୟଙ୍କୁ ସଚେତନ କରେଇବେ |
| | ❖ ସେମାନେ ଗ୍ରାମ ପଞ୍ଚାୟତ ଶିଶୁ ସୁରକ୍ଷା କମିଟିର ତ୍ରୈମାସିକ ସଭାରେ ଭାଗ ନେବେ । |
| ସ୍ୱୟଂ ସହାୟକ ଗୋଷ୍ଠୀ | ❖ କିଶୋରୀମାନଙ୍କୁ ଚିହ୍ନଟ ଓ ନିରନ୍ତର ସମ୍ପର୍କରେ ଆସିବା ପାଇଁ ଏମାନେ ଅଙ୍ଗନବାଡ଼ି କର୍ମୀମାନଙ୍କୁ ସାହାଯ୍ୟ କରିବେ । |
| | ❖ କେହି ବି ବାଳିକା ବିଦ୍ୟାଳୟ ବାହାରେ ରହିବେ ନାହି ଓ ନିୟମିତ ବିଦ୍ୟାଳୟ ଯିବା ସୁନିଶ୍ଚିତ କରିବେ । |
| | ❖ ବାଲ୍ୟ ବିବାହ, ଶିଶୁ ଚାଲାଣ, ଶିଶୁ ଯୌନ ଶୋଷଣ, ଶିଶୁ ଶ୍ରମିକ ଏବଂ ଅନ୍ୟାନ୍ୟ ହିଂସାକୁ ରୋକିବାରେ ବାଳିକାମାନଙ୍କୁ ସହଯୋଗ ଦେବେ ଓ ସଶକ୍ତ କରିବେ । |
| | ❖ ଲିଙ୍ଗଗତ ଅସମାନତା, ଅହିତକର ସାମାଜିକ ନିୟମ ଓ ଅଭ୍ୟାସକୁ ଭାଙ୍ଗିବା ଦିଗରେ କିଶୋରୀମାନଙ୍କ ସହିତ ମିଶି କାମ କରିବେ । |
| | ❖ ବାଲ୍ୟ ବିବାହ, ଶିଶୁ ଚାଲାଣ, ଶିଶୁ ଯୌନ ଶୋଷଣ, ଶିଶୁ ଶ୍ରମିକ ଏବଂ ଅନ୍ୟ ପ୍ରକାରର ଶୋଷଣର ଶିକାର ହେବା ପୂର୍ବରୁ ସତର୍କ ରହିବା ପାଇଁ କିଶୋରୀ ଓ କିଶୋରମାନଙ୍କୁ ସହାୟତା ଦେବେ । |
| | ❖ ପରିବାର ଓ ସମୁଦାୟଙ୍କୁ ସଚେତନ କରିବା ଦିଗରେ ସମସ୍ତ ପଦକ୍ଷେପ ନେବେ ଓ କିଶୋରୀମାନଙ୍କୁ ସାହାଯ୍ୟ କରିବେ । |
| ଗ୍ରାମ ପଞ୍ଚାୟତ ଶିଶୁ ସୁରକ୍ଷା କମିଟି | ❖ ନିଜ ପଞ୍ଚାୟତରେ ଅଦ୍ୱିକାର ସଫଳତା ପାଇଁ ସହଯୋଗ କରିବା ଏବଂ କମିଟିର ତ୍ରୈମାସିକ ବୈଠକରେ ଶିଶୁମାନଙ୍କ ସମସ୍ୟା, ଅଧିକାର ଓ ସହଭାଗିତା ଉପରେ ଆଲୋଚନା କରିବେ । |
| | ❖ ଶିଶୁ ଅଧିକାରର ଉଲ୍ଲଙ୍ଘନ ଏବଂ ଯୌନ ଶୋଷଣ ସମେତ ଶିଶୁ ମାନଙ୍କ ଉପରେ ହେଉଥିବା ଅନ୍ୟାନ୍ୟ ହିଂସାର ନିରାକରଣରେ ସହାୟତା ଦେବେ । |
| | ❖ **ୱାନ ଷ୍ଟପ କେନ୍ଦ୍ର, ମହିଳା ସହାୟତା ନମ୍ବର ୧୮୧ ଓ ଚାଇଲ୍ଡଲାଇନ ନମ୍ବର ୧୦୯୮ ଓ ଶିଶୁମାନଙ୍କୁ ସାମାଜିକ ଓ ମାନସିକ ପରାମର୍ଶ ପାଇଁ "ସମ୍ପର୍କ" ହେଲ୍ପ ଡେସ୍କ ଦେୟ ମୁକ୍ତ ନମ୍ବର ୧୮୦୦୪୧୯୧୮୧୩ର ପ୍ରଚାର ପ୍ରସାର କରିବେ ।** |
| | ❖ ବିପଦ ସଙ୍କୁଳ ପିଲା ଓ ସେମାନଙ୍କ ପରିବାରକୁ ଚିହ୍ନଟ କରିବେ ଓ ସରକାରଙ୍କ ବିଭିନ୍ନ ଯୋଜନା ସହିତ ଯୋଡ଼ିହେବାରେ ସହଯୋଗ କରିବେ । |
| | ❖ ଶିଶୁମାନଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଶିଶୁମାନଙ୍କୁ ଅନ୍ୟ କମିଟି ସଦସ୍ୟମାନଙ୍କ ସହିତ ସାମିଲ କରି ବିଭିନ୍ନ ସମସ୍ୟା ଶୁଣିବେ ଓ ସମାଧାନ ପାଇଁ ଯୋଜନା ପ୍ରସ୍ତୁତ କରିବେ । |
| | ❖ ପ୍ରତ୍ୟେକ ଗ୍ରାମ ସଭାମାନଙ୍କରେ ଶିଶୁମାନଙ୍କୁ ସାମିଲ କରି ସମସ୍ୟା ଓ ସମାଧାନ ପାଇଁ ଯୋଜନା ପ୍ରସ୍ତୁତ କରିବେ |

**Vision:**

A world in which peace, justice and equality prevails, where people participate and have a say in their social and economic well-being by exercising their rights to a life of dignity, respecting cultural and natural diversity.




**Mission:**

Our mission is to empower and enable children, young people, women, the elderly, other vulnerable and marginalized communities enabling them to participate powerfully in their overall development and to create and strengthen peoples' institutions that ensure, sustain and promote their wellbeing, security, inclusive development and a life of dignity.

**Vision 2030 :**

PECUC would continue to focus primarily on child rights during 2021-2030. While working at the community level PECUC has learnt that children, their parents, grandparents, their families and the community as a whole are trapped into a vicious circle of multiple problems which has led to gross violation of human rights. There is need to reassure human values and culture where each and every individual can enjoy their right to a life of dignity. Hence, PECUC has prioritized to focus on children and young people, inclusive development, women empowerment, health, hygiene & Sanitation, Emergency Management & Climate Change Adaptation, livelihood, deepening democracy, gender justice & active ageing these years.

PECUC

**People's Cultural Centre**

(A Centre for People's Empowerment & Sustainable Development)

**Registered Office:**

VIIM-13, SailashreeVihar, Bhubaneswar-751021, Odisha, India

**Co-ordination Office:**

Plot No-63, phase-II, Indraprastha, Pokhariput,
Bhubaneswar-751020, Odisha, India
Web: www.pecuc.org

@PecucOdisha | @pecuc1 | LinkedIn People's Cultural Centre | @pecucodisha | PECUC Odisha